# ତହସିଲ କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି

ପତ୍ରସଂଖ୍ୟା 537 ତାରିଖ 4.3.19

## ଦୀର୍ଘମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ନିଶ୍ଚିନ୍ତକୋଇଲି ତହସିଲ୍ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ ( ଲଘୁ ଖଣିଜ ଦ୍ରବ୍ୟ ) ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ୨୦୧୭-୨୦୧୮ ଆର୍ଥିକ ବର୍ଷଠାରୁ ୨୦୨୧-୨୦୨୨ ବର୍ଷ ପର୍ଯ୍ୟନ୍ତ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତିବିଶେଷ **OMMC RULE 2016 FORM- M** ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ **Rregistered Post/Speed post** ଜରିଆରେ ତହସିଲଦାର ନିଶ୍ଚିନ୍ତକୋଇଲି ଙ୍କ ଠିକଣାରେ ଆସନ୍ତା ତା୦୫.୦୩.୨୦୧୯ ରିଖ ଠାରୁ ତା୦୪.୦୪.୨୦୧୯ ରିଖ ଧାର୍ଯ୍ୟ ନିଲାମ ତାରିଖର ପୂର୍ବ କାର୍ଯ୍ୟ ଦିବସର ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ ( ଛୁଟିଦିନ ବ୍ୟତୀତ ) । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେଶ ନମ୍ବର ଲେଖା ଥିବା ଆବଶ୍ୟକ । ନିଲାମ ଧାର୍ଯ୍ୟ ତାରିଖର ପୂର୍ବଦିନ ଅପରାହ୍ନ ୫ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଛି ।ତା. ୦୫.୦୪.୨୦୧୯ରିଖ ୧୧ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ ଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯିବ। ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତୀ ନିଲାମ ଯଥାକ୍ରମେ ତା. ୦୯.୦୪.୨୦୧୯ରିଖ ଏବଂ ତା. ୧୬.୦୪.୨୦୧୯ ରିଖ (ଦିବା ୧୧ ଘଟିକା ) ସମୟରେ ଅନୁଷ୍ଠିତ ହେବ ।

ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ- ୨୦୧୬ ( OMMC RULE - 2016) ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (ADDITIONAL CHARGE ) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ମାଇନିଂ ପ୍ଲାନ ରେ ସ୍ଥିରୀକୃତ ହୋଇଥିବା ଗଚ୍ଛିତ ଲଘୁ ଖଣିଜଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge ) ର ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ ସହିତ ରୟାଲିଟି ବାଲି ନିମନ୍ତେ ( @ Rs 35/- per cum. ) ପୈଠ କରିବେ । ଏଥି ସହିତ ଜିଲ୍ଲା ମିନେରାଲ ଫାଉଣ୍ଡେସନ ଫଣ୍ଡ (DMF )ଦେୟ ମଧ୍ୟ ପୈଠ କରିବାକୁ ହେବ । ଉପରୋକ୍ତ ସମ୍ପୂର୍ଣ ରାଶି ପୈଠ ହେଲା ପରେ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର ( lease deed ) ସମ୍ପାଦନ କରିବେ ଏବଂ ତତ୍ ପରେ ଖାଦାନ ପରିଚାଳନା କରିବେ ।

୪. ଯଦି ସର୍ବୋଚ୍ଚ ଆଡିସନାଲ ଚାର୍ଜ ବା ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲମଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୁଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ ( Controlling authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

୬. ଲିଜଧାରୀ ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁସାରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଉଥିବା surface rent, dead rent ଓ royalty ପୈଠ କରିବେ ।

୭. ଲିଜଧାରୀ ଉପରୋକ୍ତ ଦେୟ ସହିତ District Mineral Foundation Fund (DMF )and Environmental Management Fund (EMF )ବାବଦ ଅର୍ଥ ରାଶି ବାର୍ଷିକ ଅଗ୍ରିମ ଆକାରରେ ପ୍ରଦାନ କରିବେ ।

୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ରେ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନ ଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୯. କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ଚୁକ୍ତିପତ୍ର ( Lease Deed ) ସମ୍ପାଦନ କରିବା ପୂର୍ବରୁ ଚୁକ୍ତିପତ୍ରର ସମସ୍ତ ସର୍ତ୍ତାବଳୀ ଅନୁପାଳନ କରିବା ପାଇଁ ସିକ୍ୟୁରିଟି ଡିପୋଜିଟ ଆକାରରେ ଟ ୧୦,୦୦୦ ଙ୍କା ଦୈଠ କରିବେ ।

୧୦. ନିଲାମଧାରୀ **OMMC RULE -2016** ର ନିୟମ **-33( 1-29 )** ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ ।

୧୧. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରୀକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ ।

୧୨. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟ କୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

୧୩. ନିଲାମଧାରୀ ଜମା ରୟାଲିଟି ର ୨ % ଆୟକର ବାବଦକୁ ଟ୍ରେଜେରୀ ଚାଲାଣ ଆକାରରେ ଜମା କରିବେ ।

୧୪. ଲିଜଧାରୀ **Mines Act 1952** ଏବଂ **Explosive Act 1984** ର ସମସ୍ତ ନିୟମ ଓ ସର୍ତ୍ତାବଳୀ ର ଅନ୍ତର୍ଭୁକ୍ତ ରହିବେ ।

ନିଲାମସ୍ଥାନ – ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଟକ ସଦର

ଧାର୍ଯ୍ୟ ତାରିଖ – ୦୫.୦୪.୨୦୧୯ ଦିବା ୧୧ ଘଟିକା

*ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ ।*

ତହସିଲଦାର, ନିଶ୍ଚିନ୍ତକୋଇଲି

<u>ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖାଦାନର ବିବରଣୀ</u>

ସୈରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନଂ | ଖାତା ନଂ | ପ୍ଲଟ ନଂ | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ସର୍ବନିମ୍ନ ରୟାଲିଟି ମୂଲ୍ୟ ( per cum ) ଟଙ୍କାରେ | ଅତିରିକ୍ତ ଦେୟ ( Additional Charge ) ଟଙ୍କାରେ | Mining plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ | ଅଗ୍ରିମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ର ପରିମାଣ |
|---|---|---|---|---|---|---|---|---|---|---|---|
| 1 | କୁଲଗାଇଁ ଶାଳୋ | ଲୁଣାନଦୀ ବାଲିଘାଟ ୧/୨୦୧୭-୧୮ | ୮୧୭ | ୧୯୧୮<br>୧୯୧୯<br>୧୯୨୦<br>୧୯୨୧ | ଏ ୦.୩୦୦<br>ଏ ୦.୮୦୦<br>ଏ ୧୨.୪୦୦<br>ଏ ୧.୫୦୦ | ନଦୀ | ବାଲି | ୩୫.୦୦ | ୫୯.୦୦ | ୨୫୫୦୦ (CM) | ୧,୧୯,୮୫୦ |
| 2 | କୁଳସୁକର ପଡା ଓ ଲୋକନାଥ ପୁର | ଲୁଣାନଦୀ. ବାଲିଘାଟ ୨/୨୦୧୭-୧୮ | ୩୭୦<br>୧୧୮ | ୧୦୨୨<br>୪୨୧<br>୪୨୨ | ଏ ୨୭.୩୦୧<br>ଏ ୨.୭୧୫<br>ଏ ୨.୨୨୦ | ନଦୀ<br>ନଦୀ | ବାଲି<br>ବାଲି | ୩୫.୦୦ | ୫୯.୦୦ | ୨୫୫୦୦ (CM) | ୧,୧୯,୮୫୦ |

ତହସିଲଦାର, ନିଶ୍ଚିନ୍ତକୋଇଲି